# ବିଶ୍ୱ ନାଟ୍ୟ ଦିବସ – ୨୦୧୬ / ବିଶ୍ୱ ବାର୍ତା

ଆମ ପାଇଁ ନାଟକ ଆବଶ୍ୟକ କି ?

ଏହି ପ୍ରଶ୍ନ ଅନେକ ପେଶାଦାର ନାଟ୍ୟକର୍ମୀ ମାନଙ୍କୁ ବ୍ୟତିବ୍ୟସ୍ତ କରିଛି ଏବଂ ଅସଂଖ୍ୟ କଳାକାରମାନେ ନିଜକୁ ନିଜେ ପଚାରି ପଚାରି ହାଲିଆ ହେଇଛନ୍ତି ।

ଆମର ନାଟକ କାହିଁକି ଦରକାର ?

ଏହି ସମୟରେ, ଯେବେ ସହରର ଛକ ମାନଙ୍କରେ ବା ଆମ ଭୂଇଁ ଉପରେ, ନିଛକ ଜୀବନର ସତ୍ୟପୂର୍ଣ ଦୁଃଖ ସବୁର ଖେଳ ଘଟିଚାଲେ ଓ ତା ତୁଳନାରେ ନାଟକର ଦୃଶ୍ୟ ଗୁଡ଼ିକ ସମାନ୍ୟ ଲାଗୁଥାଏ ।

ନାଟକ ଆମ ଲାଗି କଣ କି ?

ପ୍ରେକ୍ଷାଳୟରେ ଥିବା ସର୍ଣ୍ଣ ଖଚିତ ଗ୍ୟାଲେରି ଓ ବାଲ୍‌କୋନି, ମଖମଲି ଚୌକି, ମଂଚରେ ଲାଗାଯାଇଥିବା ମଇଳା ଉଇଙ୍ଗ୍‌ସ, ବେଶ୍ ଭଲଭାବେ ପ୍ରସ୍ତୁତ ଅଭିନେତାର ସ୍ୱର, କିମ୍ବା ଏମିତି କିଛି ଯାହା ଭିନ୍ନ ଭାବେ କୁହାଯାଇପାରେ ଯେ- ପ୍ରେକ୍ଷାଳୟଟି ଗୋଟିଏ କଳା ରଂଗର ବାକ୍ସ ଓ ତା ଭିତରେ କାଦୁଅ ଆଉ ରକ୍ତ ରଂଜିତ କେତୋଟି ଫୁଙ୍ଗୁଳା ଦେହ ।

ନାଟକ ଆମକୁ କଣ କହିପାରେ ?

ସବୁକିଛି ! ନାଟକ ଆମକୁ ସବୁକିଛି କହିପାରେ । ସର୍ଗରେ ଭଗବାନ କେମିତି ବଂଚନ୍ତି , ଭୂଇଁ ତଳର ଭୁଲି ଯାଇଥିବା ଗୁମ୍ଫାଭିତରେ ବନ୍ଦୀ ମାନେ କେମିତି ଯନ୍ତ୍ରଣା ପାଆନ୍ତି , ଆମର ଇଚ୍ଛାଶକ୍ତି ଆମକୁ କିପରି ଉପରକୁ ଉଠାଏ, କେମିତି ପ୍ରେମ ଧ୍ୱଂସ କରେ, କେମିତି ଜଣେ ଭଲ ମଣିଷକୁ ଏ ପୃଥିବୀରେ କେହି ଚାହାନ୍ତି ନାହିଁ , କେମିତି ଧୋକାବାଜ୍ ରାଜ୍ କରେ, କେମିତି ଆପାର୍ଟମେଂଟ ମାନଙ୍କରେ ମଣିଷମାନେ ବଂଚନ୍ତି, କେମିତି ରଫ୍ୟୁଜି କ୍ୟାମ୍ପ ମାନଙ୍କରେ ଛୁଆମାନେ ଦୁର୍ବଳ ହେଇଯାଆନ୍ତି, କେମିତି ସେମାନେ ମରୁଭୂମିକୁ ପୁଣି ବାଧ୍ୟରେ ଫେରି ଯାଆନ୍ତି, କେମିତି ଦିନକୁ ଦିନ ଭଲପାଉଥିବା ମଣିଷ ମାନଙ୍କଠାରୁ ଆମକୁ ଦୂରେଇ ଯିବାକୁ ହୁଏ – ଏ ସବୁ କଥା ନାଟକ କହିପାରେ ।

ନାଟକ ସବୁବେଳେ ଥିଲା ଆଉ ଚିରଦିନ ଲାଗି ରହିବ ।

ଏହି ଶେଷ ୫୦ ବା ୭୦ବର୍ଷ ପରେ, ଏବେ ନାଟକ ନିହାତି ହେବା ଦରକାର । କାରଣ, ଯଦି ଆପଣ ଯେତେ ସବୁ ଲୋକ-ଧର୍ମୀ କଳାକୁ ନଜର ପକାଇବେ, ସେଥିରେ ଯଥାଶିଘ୍ର ଦେଖିପାରିବେ ଯେ - ନାଟକ ଆମର ମୁହଁରୁ ମୁହଁକୁ ଶବ୍ଦ, ଆଖିରୁ ଆଖିକୁ ଝଲକ, ହାତରୁ ହାତକୁ ବା ଦେହରୁ ଦେହକୁ ଭଙ୍ଗୀଟିଏ ଦେଇପାରୁଛି । ମଣିଷ ମଣିଷ ଭିତରେ ଏଥିଲାଗି କୌଣସି ମଧ୍ୟସ୍ତିଗିରି ଦରକାର ହୁଏ ନାହିଁ । ନାଟକ ଆଲୋକ ପରି ସ୍ୱଚ୍ଛ । ଆଲୋକ ସମସ୍ତଙ୍କର, ଦକ୍ଷିଣବାଲା କି ଉତ୍ତର କି ପୂର୍ବ କି ପଶ୍ଚିମବାଲାଙ୍କର ନୁହଁ ।... ଆଲୋକର ଭିତିରି ରହସ୍ୟତ ସେତିକି...ପୃଥିବୀର ଚତୁର୍ଦିଗରୁ ଏହା ଚିକ୍ ଚିକ୍ କରେ ; ପ୍ରତ୍ୟେକ ମଣିଷ ଆଲୋକକୁ ଚିହ୍ନି ପାରେ , ହୁଏତ ତାକୁ ମିତ୍ରଭାବେ ପାଉ ବା ନପାଉ । ଆମେ ନାଟକକୁ ସେମିତି ଭଲ ଲାଗୁ ବା ନ ଲାଗୁ, ବିଭିନ୍ନ ଢଙ୍ଗରେ ହେବା ଦରକାର ।

ତେବେ ମୁଁ ଭାବୁଛି , ସମ୍ଭବ ହେଉଥିବା ଯେତେ ପ୍ରକାରର ନାଟକ ଭିତେ. ଆଜି ସେଇ ନାଟକ ବଂଚି ରହିବ ଯେଉଁଥିରେ ପୁରାତନ ପାରମ୍ପରିକ ଶୈଳୀ ଅଛି । ସଭ୍ୟତା ବୋଲାଉଥିବା ଦେଶ ମାନେ, ବିଭିନ୍ନ ପ୍ରଥାରେ ବାନ୍ଧିହୋଇଥିବା ନାଟକକୁ ମିଛଟାରେ ବିରୋଧ କରିବା ଉଚିତ ନୁହେଁ । ପବିତ୍ର ସଂସ୍କୃତିକୁ ଅଧୀକରୁ ଅଧୀକ ଦବେଇଦିଆ ଯାଉଛି । ଶୁଣାଯାଉଥିବା "ସୂଚନାଧର୍ମୀ ସଂସ୍କୃତି"କୁ ଧୀରେ ଧୀରେ ଲଦିଦିଆଯାଉଛି ଏବଂ ସାଦାସିଧା ଅସ୍ତିତ୍ୱକୁ ହଟେଇଦିଆଯାଉଛି ; ଏମିତିକି ତାକୁ କାଳକ୍ରମେ ପାଇବାର ଆମର ଆଶାକୁ ଶେଷ କରିଦିଆଯାଉଛି ।

କିନ୍ତୁ, ମୁଁ ଖୁବ ଭଲଭାବେ ଦେଖିପାରୁଛି ଯେ - ନାଟକ ତାର ଦୁଆର ଖୋଲି ବିସ୍ତାର କରିବା ଆରମ୍ଭ କରିଦେଇଛି । ବିନା ପ୍ରବେଶିକାରେ ଯେ କେହି ଦେଖିପାରୁଛି । ସେଇ କମ୍ପ୍ୟୁଟର ଆଉ ଆଧୁନିକ ଆସବାବକୁ ଫିକ୍ ! ସିଧା ନାଟକ ମଂଚ ପାଖକୁ ଯାଅ, ଗ୍ୟାଲେରୀ ହେଉ ବା ତଳେ, ସବୁ ଧାଡ଼ିରେ ନିଜ ବସିବା ସ୍ଥାନ ନେଇନିଅ, ଜୀବନ୍ତ ମଣିଷ ଯାହା କହୁଚି ଶୁଣ ଆଉ ଦେଖ ! ଏହା ହିଁ ନାଟକ, ଯାହା ତୁମ ଆଖି ସାମନାରେ ହୁଏ! ଏଥିରେ ଅଂଶ ଗ୍ରହଣ କରିବାର ସୁଯୋଗକୁ ହାତଛଡ଼ା କରନା ବା ଅବହେଳା କରନା । ହୁଏତ ଧାଁଧଉଡ଼ ଜୀବନରେ ଓ ଆମ ଧମନୀରେ ଉଦ୍ଦୀପନା ପାଇବାର ଏହା ଏକ ଅପୂର୍ବ ସୁଯୋଗ ।

ଆମେ ସବୁ ପ୍ରକାର ନାଟକ ଚାହୁଁ । ତେବେ, ଗୋଟିଏ ପ୍ରକାର ନାଟକ ଅଛି ଯାହା ହୁଏତ କେହି ବି ଚାହିଁବେ ନାହିଁ - ଅର୍ଥାତ୍ କେବଳ ରାଜନିତୀର ଖେଳ ଭିତର ନାଟକ, ଅନ୍ୟ ରାଜନିତିକୁ ଯନ୍ତା ଭିତରେ ପାକାଇବା ଲାଗି ଜୀବନ୍ତ ନାଟକ, ରାଜନିତିଆଙ୍କ ନାଟକ, ରାଜନିତିର ବେକାର ଖେଳ । ଆମେ ସେଇ ଜୀବନ/ନାଟକ ବି ଚାହୁଁନା ଯାହା ଦୈନିକ ଡରଉଥିବ । ଏହା ଜଣକର ହେଉ କି ଅନେକଙ୍କ । ଗାଁ ଗାଁରେ, ସହରରେ, ରାଜଧାନୀର ରାସ୍ତା ବା ଛକରେ ରକ୍ତାକ୍ତ ଘଟଣା ଆମେ ଚାହୁଁନା , ଚାହୁଁନା ସେ ମିଛ ନାଟକ ଯାହା କେବଳ ଧର୍ମ-ଧର୍ମ , ଜାତି-ଜାତି ଭିତର ଯୁଦ୍ଧ ... ... .. .. .. ।



ଲେଖିଚନ୍ତି –

ଶ୍ରୀ ଆନାଟୋଲି ଭାସିଲିଏଭ (ରଷିଆ ଦେଶ)

ମସ୍କୋ ଥିଏଟର୍ ସ୍କୁଲ୍ ଅଫ୍ ଡ୍ରାମାଟିକ୍ ଆର୍ଟସ୍‌ର ପ୍ରତିଷ୍ଠାତା ଓ ପୃଥିବୀର ଜଣେ ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ଏବଂ ନାଟ୍ୟ-ଗୁରୁ । ୧୯୬୮ ମସିହାରୁ ନାଟକ ପାଠ ପଢ଼ିଲେ, ୧୯୭୩ ମସିହାରୁ ମସ୍କୋ ଆର୍ଟ ଥିଏଟର୍‌ରେ କାମ ଆରମ୍ଭ କରି, ୧୯୭୮ ମସିହାରୁ ଷ୍ଟାନିସଲାଭସ୍କି ଥିଏଟରରେ କାମ କଲେ । ତାପରେ ନିଜର ଏକ ଦଳ ୧୯୮୭ରେ ଆରମ୍ଭ କଲେ । ଏବେ ୨୦୧୦ରୁ ଏକ ୩ ବର୍ଷିଆ ନାଟକର ପାଠ୍ୟକ୍ରମ ଚାଲୁ ରଖିଚନ୍ତି । ଅନେକ ବିଖ୍ୟାତ ନାଟକର ନିର୍ଦ୍ଦେଶନା ଦେଇଚାଲିଛନ୍ତି ।

*ଅନୁବାଦ - ଶ୍ରୀ ସୁବୋଧ ପଟନାୟକ , ନିର୍ଦ୍ଦେଶକ-ନାଟ୍ୟ ଚେତନା, ଭୁବନେଶ୍ୱର, ଓଡ଼ିଶା, ଭାରତ - ୭୫୧୦୧୫*